# NATIONAL NEWS BULLETIN (ODIA)

## 07th November - 2024

## Evening Bulletin : 7.15 p.m.

***********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ସ୍ୱଦେଶୀ ବିମାନବାହୀ ଜାହାଜ ଆଇ.ଏନ୍.ଏସ୍. ବିକ୍ରାନ୍ତରେ ବହୁମୁଖୀ ନୌସେନା କାର୍ଯ୍ୟକ୍ରମର ନିରୀକ୍ଷଣ କଲେ ରାଷ୍ଟ୍ରପତି ।
- ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ଭାଗିଦାରୀ ସୁଦୃଢ଼ ଓ ସ୍ୱତନ୍ତ୍ର; କହିଲା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ।
- ଭାରତ ଓ ଜାମ୍ବିଆ ଯୁଗ୍ମ ସ୍ଥାୟୀ ଆୟୋଗର ଷଷ୍ଠ ଅଧିବେଶନ ଲୁସାକାଠାରେ ଅନୁଷ୍ଠିତ ।
- ଭାରତ-ଶ୍ରୀଲଙ୍କା ମିଳିତ ସହଯୋଗରେ ଶ୍ରୀଲଙ୍କାରେ ନିର୍ମିତ ୨୪ଟି ଗୃହ ଆଜି ହିତାଧିକାରୀଙ୍କୁ ହସ୍ତାନ୍ତରିତ ।

ଏବଂ

- ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ଆସନ୍ତା ୨୦୨୭ ସୁଦ୍ଧା ଶେଷ ହେବା ନେଇ ସୂଚନା ଦେଲେ ମେଟ୍ରୋ ରେଳ କର୍ତ୍ତୃପକ୍ଷ ।

## ପ୍ରେଜ୍ - ଗୋଆ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଗୋଆ ସମୁଦ୍ରରେ ସ୍ୱଦେଶୀ ବିମାନବାହୀ ଜାହାଜ ଆଇ.ଏନ୍.ଏସ୍. ବିକ୍ରାନ୍ତରେ ବହୁମୁଖୀ ନୌସେନା କାର୍ଯ୍ୟକ୍ରମ ନିରୀକ୍ଷଣ କରିଛନ୍ତି । ଜାହାଜ ପରିଚାଳନା, ଯୁଦ୍ଧ କାର୍ଯ୍ୟକ୍ରମ, ବୁଡ଼ାଜାହାଜ ଅଭ୍ୟାସ, ଡେକ୍‌ଭିତ୍ତିକ ଲଢୁଆ ବିମାନ ଏବଂ ହେଲିକପ୍ଟର ଉଡ଼ାଣ ଓ ଅବତରଣ ନୌସେନା ବିମାନଦ୍ୱାରା ଫ୍ଲାଇଟ୍ ପାଷ୍ଟ ସହିତ ବାୟୁଶକ୍ତି ପ୍ରଦର୍ଶନ ଆଦି ଦେଖିଛନ୍ତି । ସୂଚନାଯୋଗ୍ୟ, ଗୋଆରେ ଆଜି ସକାଳେ ପହଞ୍ଚିବା ପରେ ଡାବୋଲିମ୍‌ସ୍ଥିତ ନୌ-ବାୟୁସେନା କେନ୍ଦ୍ର ଆଇ.ଏନ୍.ଏସ୍. ହଂସଠାରେ ରାଷ୍ଟ୍ରପତିଙ୍କୁ ଗାର୍ଡ଼ ଅଫ୍ ଅନର୍ ପ୍ରଦାନ କରାଯାଇଥିଲା ।

## ପ୍ରେଜ୍ - ଭିଜିଲାନ୍ସ ୱିକ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀରେ ଆସନ୍ତାକାଲି କେନ୍ଦ୍ରୀୟ ଦୁର୍ନୀତି ନିର୍ବାରଣ ଆୟୋଗଙ୍କ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ଦୁର୍ନୀତି ନିବାରଣ

ସଚେତନତା ସମାରୋହରେ ଉଦ୍‌ବୋଧନ ଦେବେ । ସୂଚନାଯୋଗ୍ୟ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ଜୟନ୍ତୀ ସପ୍ତାହରେ ପ୍ରତ୍ୟେକ ବର୍ଷ ଆୟୋଗଙ୍କ ପକ୍ଷରୁ ସଚେତନତା ସପ୍ତାହ ପାଳନ କରାଯାଇଥାଏ । ଚଳିତ ବର୍ଷ ଗତମାତ ୨୮ ତାରିଖରୁ ଚଳିତ ମାସ ୩ ତାରିଖ ପର୍ଯ୍ୟନ୍ତ ଦେଶରେ ଏହି ସପ୍ତାହ ପାଳନ କରାଯାଇଛି । ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୪ ଉପରେ ଆଧାରିତ ଆୟୋଗଙ୍କଦ୍ୱାରା ପ୍ରସ୍ତୁତ ୩ଟି ପୁସ୍ତିକା ଏବଂ ଡାକ ବିଭାଗଦ୍ୱାରା ପ୍ରସ୍ତୁତ ସ୍ୱତନ୍ତ୍ର ମଲାଟର ଆସନ୍ତାକାଲି ରାଷ୍ଟ୍ରପତି ଉନ୍ମୋଚନ କରିବାର କାର୍ଯ୍ୟସୂଚୀ ରହିଛି ।

## ଏମ୍.ଇ.ଏ. - ବ୍ରିଫିଙ୍ଗ୍

ଭାରତ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ଭାଗିଦାରୀ ସୁଦୃଢ଼ ଏବଂ ସ୍ୱତନ୍ତ୍ର ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି । ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟଶ୍ୱାଲ୍ ଆଜି ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧନ କରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍‌ଡ୍ ଟ୍ରମ୍ପ୍‌ଙ୍କ ସହ କଥାବାର୍ତ୍ତା ହୋଇଛନ୍ତି । ବିଭିନ୍ନ ଅନ୍ତର୍ଜାତୀୟ କ୍ଷେତ୍ର ଏବଂ ରଣନୈତିକ ଭାଗିଦାରୀକୁ ଆହୁରି ସୁଦୃଢ଼ କରିବାକୁ ଭାରତ ଆଗ୍ରହୀ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଦୁଇ ଦେଶ ଲୋକଙ୍କ ଉନ୍ନତି ଏବଂ ଶାନ୍ତି ଓ ନିରାପତ୍ତା ସୁନିଶ୍ଚିତ କରିବା ଲାଗି

କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଛନ୍ତି । କାନାଡ଼ାରେ ହିନ୍ଦୁ ମନ୍ଦିର ପରିସର ବାହାରେ ହିଂସାତ୍ମକ ଘଟଣା ନେଇ ଶ୍ରୀ ଜୟଶ୍ୱାଲ୍ କହିଛନ୍ତି, ଭାରତ ଏହାର ଦୃଢ଼ ନିନ୍ଦା କରିଛି । ଆଇନଶୃଙ୍ଖଳା ପରିସ୍ଥିତିକୁ ବଜାୟ ରଖିବା ସହ ହିଂସାତ୍ମକ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାରତ କାନାଡ଼ା ସରକାରଙ୍କୁ ଆହ୍ୱାନ ଦେଇଛି ବୋଲି ସେ ସୂଚନା ଦେଇଛନ୍ତି ।

ଆଫଗାନିସ୍ତାନକୁ ମାନବିକ ସହାୟତା ପ୍ରଦାନ ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ଜୟଶ୍ୱାଲ୍ କହିଛନ୍ତି, ସେହି ଦେଶକୁ ୫୦ ହଜାର ଟନ୍ ଗହମ, ୩୦୦ ଟନ୍ ଔଷଧ ଏବଂ ୨୮ ଟନ୍ ଭୂକମ୍ପ ରିଲିଫ୍ ସାମଗ୍ରୀ ପ୍ରଦାନ କରାଯାଇଛି ।

## ଟ୍ରମ୍ପ୍-ବାଇଡେନ୍-ହାରିସ୍

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍’ ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ହ୍ୱାଇଟ୍ ହାଉସ୍ ପକ୍ଷରୁ ଦିଆଯାଇଥିବା ବିବୃତ୍ତି ଅନୁଯାୟୀ ରାଷ୍ଟ୍ରପତି ବାଇଡେନ୍ ଶାନ୍ତିପୂର୍ଣ୍ଣ କ୍ଷମତା ହସ୍ତାନ୍ତର କରାଯିବ ବୋଲି କହିଛନ୍ତି । ରାଷ୍ଟ୍ରପତି ନିର୍ବାଚନ ଫଳାଫଳ ଏବଂ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଶ୍ରୀ ବାଇଡେନ୍ ଆଜି ଦେଶବାସୀଙ୍କୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ପୂର୍ବରୁ ଆମେରିକାର ଉପରାଷ୍ଟ୍ରପତି କମଳା ହ୍ୟାରିସ୍ ନବନିର୍ବାଚିତ ରାଷ୍ଟ୍ରପତି

ଡୋନାଲ୍ଡ ଟ୍ରମ୍ପଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଶାନ୍ତିପୂର୍ଣ୍ଣ କ୍ଷମତା ହସ୍ତାନ୍ତର ନେଇ ଆଲୋଚନା କରିଥିବା ଜଣାପଡ଼ିଛି ।

## ମିଟିଂ - ଜାମ୍ବିଆ-ଇଣ୍ଡିଆ

ଭାରତ ଓ ଜାମ୍ବିଆ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ ଏବଂ ଜାମ୍ବିଆର ବୈଦେଶିକ ବ୍ୟାପାର ଓ ଅନ୍ତର୍ଜାତୀୟ ସହଯୋଗ ମନ୍ତ୍ରୀ ମୁଲାମ୍ବୋ ହାଇମ୍ବେ ଜାମ୍ବିଆର ଲୁସାକାଠାରେ ଦୁଇ ଦେଶର ଯୁଗ୍ମ ସ୍ଥାୟୀ ଆୟୋଗର ଷଷ୍ଠ ଅଧିବେଶନରେ ମିଳିତ ଅଧ୍ୟକ୍ଷତା କରିଥିଲେ । ଏହି ଅଧିବେଶନରେ ଉଭୟ ନେତା ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ନେଇ ଆଲୋଚନା କରିଥିଲେ । କୃଷି, ଶିକ୍ଷା, ଶକ୍ତି, ପ୍ରତିରକ୍ଷା ଏବଂ ସଂସ୍କୃତି ଆଦି କ୍ଷେତ୍ର ଏହି ଆଲୋଚନାରେ ସ୍ଥାନ ପାଇଥିଲା । ବୈଠକରେ ଜାମ୍ବିଆର ମରୁଡ଼ି ପରିସ୍ଥିତି ନେଇ ଭାରତ ଚିନ୍ତା ପ୍ରକଟ କରିବା ସହ ସହାୟତା ଆକାରରେ ଅଢ଼େଇ ହଜାର ଟନ୍ ମକା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛି ।

## ଶ୍ରୀଲଙ୍କା-ଏଚ୍.ସି.

ଶ୍ରୀଲଙ୍କାରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ ଏବଂ ଶ୍ରୀଲଙ୍କାର ଗ୍ରାମୀଣ ଓ ନଗର ଉନ୍ନୟନ, ଗୃହ ଓ ନିର୍ମାଣ ମନ୍ତ୍ରଣାଳୟର ଅଧିକାରୀମାନେ ନିର୍ମାଣ କରାଯାଇଥିବା ଗୃହର ମିଳିତ ଭାବେ ଉଦ୍‌ଘାଟନ କରି ୨୪ଟି ପରିବାରକୁ ହସ୍ତାନ୍ତର କରିଛନ୍ତି । ସେହି ଗୃହଗୁଡ଼ିକ ଭାରତ ଆଦର୍ଶ ଗୃହନିର୍ମାଣ ପ୍ରକଳ୍ପ ଅଧୀନରେ ନିର୍ମାଣ କରାଯାଇଥିଲା । ଶ୍ରୀଲଙ୍କାର ସମସ୍ତ ୨୫ଟି ଜିଲ୍ଲାରେ ନିମ୍ନ ଆୟକାରୀ ପରିବାରକୁ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ଏହି ଯୋଜନା ଅଧୀନରେ ୨୪ଟି ପରିବାର ଉପକୃତ ହୋଇଛନ୍ତି । ଭାରତ ସରକାରଙ୍କ ଆର୍ଥିକ ସହାୟତା ଏବଂ ଶ୍ରୀଲଙ୍କାର ଗ୍ରାମୀଣ ଓ ସହରାଞ୍ଚଳ ବିକାଶ, ଗୃହ ଓ ନିର୍ମାଣ ମନ୍ତ୍ରଣାଳୟ ସହଯୋଗରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି । ସେହିଭଳି ଜାଫନା, କାଣ୍ଡି ଏବଂ କଲମ୍ବୋର ୧୧ଟି ଜିଲ୍ଲାରେ ଏହିଭଳି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ଏବଂ ଏହାର ୯୬ ପ୍ରତିଶତ କାମ ଇତି ମଧ୍ୟରେ ଶେଷ ହୋଇଛି ।

## ଇଣ୍ଡିଆ-ଭୁଟାନ

ଭାରତ ଓ ଭୁଟାନ ମଧ୍ୟରେ ପାରସ୍ପରିକ ସମ୍ପର୍କକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଆଜି ଆସାମର ତାମୁଲ୍‌ପୁର ଜିଲ୍ଲାର ଦରଙ୍ଗା ଇମିଗ୍ରେସନ୍

ଚେକ୍‌ପୋଷ୍ଟ'ର ଉଦ୍‌ଘାଟନ ହୋଇଛି । ଆସାମ ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟ ଏବଂ ଭୁଟାନ ପ୍ରଧାନମନ୍ତ୍ରୀ ଲିୟୋଁଛେନ ଦାସୋ ସେରିଙ୍ଗ ତୋବ୍‌ଗେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ରାଜ୍ୟପାଳ ଶ୍ରୀ ଆଚାର୍ଯ୍ୟ ଏହାକୁ ଐତିହାସିକ ପଦକ୍ଷେପ ବୋଲି ବର୍ଣ୍ଣନା କରିବା ସହ ଦୁଇ ଦେଶ ମଧ୍ୟରେ ବନ୍ଧୁତାର ମାର୍ଗ ଅଧିକ ସୁଦୃଢ଼ ହେବ ବୋଲି ଆଶା ପ୍ରକାଶ କରିଛନ୍ତି । କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ବାନ୍ଦୀ ସଞ୍ଜୟ କୁମାର, ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗେରିଟା ଏବଂ ଆସାମର ଆକ୍ଟ ଇଷ୍ଟ ପଲିସି ବ୍ୟାପାର ମନ୍ତ୍ରୀ ଚନ୍ଦ୍ରମୋହନ ପଟ୍‌ୱାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ଇସ୍ରାଏଲ୍ - ଲେବାନନ୍

ଜାତିସଂଘ ଶ୍ରମସଂସ୍ଥା ନିକଟରେ ଲେବାନନ୍ ଗତ ସେପ୍ଟେମ୍ବର ମାସରେ ଯୋଗାଯୋଗ ଉପକରଣ ମାଧ୍ୟମରେ ଆକ୍ରମଣ ସଂକ୍ରାନ୍ତ ଅଭିଯୋଗ ଫର୍ଦ୍ଦ ଦାଖଲ କରିଛି । ଏଥିପାଇଁ ଲେବାନନ୍ ଇସ୍ରାଏଲ୍‌କୁ ଦାୟୀ କରିଛି । ଲେବାନନ୍‌ର ଶ୍ରମମନ୍ତ୍ରୀ ମୁସ୍ତଫା ବେରାମ୍ ଏହି ଆକ୍ରମଣକୁ ମାନବିକତା ବିରୋଧୀ, ପ୍ରଯୁକ୍ତିବିଦ୍ୟାର ଅପବ୍ୟବହାର ବୋଲି ଅଭିହିତ କରିଛନ୍ତି । ହିଜବୁଲ୍ଲାଦ୍ୱାରା ବ୍ୟବହୃତ ପେଜର୍ ଏବଂ ୱାକିଟକି ବିସ୍ଫୋରଣ ପରେ ଇସ୍ରାଏଲ୍ ଦକ୍ଷିଣ ଲେବାନନ୍‌ରେ ଆକାଶ ଏବଂ ସ୍ଥଳମାର୍ଗରେ ଆକ୍ରମଣକୁ ଜୋରଦାର କରିଥିଲା । ଏଥିରେ ବହୁ ଧନଜୀବନ କ୍ଷୟକ୍ଷତି ହୋଇଥିଲା

ବୋଲି ମନ୍ତ୍ରୀ ଶ୍ରୀ ବେରାମ କହିଛନ୍ତି । ଏଭଳି ଅପରାଧକୁ ରୋକିବାପାଇଁ ଅଭିଯୋଗ ଫର୍ଦ୍ଦ ଦାଖଲ ଏକ ନୈତିକ ଦାୟିତ୍ୱ ବୋଲି ଲେବାନନ୍ ଶ୍ରମମନ୍ତ୍ରୀ କହିଛନ୍ତି । ଇସ୍ରାଏଲ୍‌ଦ୍ୱାରା ହୋଇଥିବା ଆକ୍ରମଣକୁ ଅପରାଧଜନିତ ବୋଲି ଅଭିହିତ କରି ଏ ସଂକ୍ରାନ୍ତ ଅଧିକ ତଥ୍ୟ ଲେବାନନ୍ ଅନ୍ୟ ଆନ୍ତର୍ଜାତିକ ଫୋରମ୍‌ରେ ଦାଖଲ କରିପାରେ ବୋଲି ଜଣାପଡ଼ିଛି ।

## ଝାଡ଼ଖଣ୍ଡ - କ୍ୟାମ୍ପେନିଂ

ଝାଡ଼ଖଣ୍ଡ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଉଭୟ ଏନ୍.ଡି.ଏ. ଏବଂ ଇଣ୍ଡି ମେଣ୍ଟ ପକ୍ଷରୁ ନିର୍ବାଚନ ପ୍ରଚାର ଚାଲିଛି । ହଜାରିବାଗ୍‌ଠାରେ ଆୟୋଜିତ ନିର୍ବାଚନୀ ର୍‍ୟାଲିକୁ ସମ୍ବୋଧନ କରି ବରିଷ୍ଠ ବି.ଜେ.ପି. ନେତା ତଥା କେନ୍ଦ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣ ଦେବୀ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ନେତୃତ୍ୱାଧୀନ ସରକାରଙ୍କୁ ସମାଲୋଚନା କରିଛନ୍ତି । ବର୍ତ୍ତମାନର ରାଜ୍ୟ ସରକାରଙ୍କ କାର୍ଯ୍ୟକଳାପରେ ଝାଡ଼ଖଣ୍ଡବାସୀ ଖୁସି ନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି ।

ଖୁଣ୍ଟିଠାରେ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ ଜେ.ଏମ୍.ଏମ୍. ନେତା କଳ୍ପନା ସୋରେନ୍ କହିଛନ୍ତି, ବର୍ତ୍ତମାନର ରାଜ୍ୟ ସରକାରଙ୍କ ଅମଳରେ ଝାଡ଼ଖଣ୍ଡରେ ଅନେକ ବିକାଶମୂଳକ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ।

ସେହିଭଳି ଅନ୍ୟ ନିର୍ବାଚନୀ ର୍‍ୟାଲିଗୁଡ଼ିକରେ କଂଗ୍ରେସ, ଆର୍.ଜେ.ଡି., ଏ.ଜେ.ଏସ୍.ୟୁ. ଏବଂ ବାମପନ୍ଥୀ ଦଳଗୁଡ଼ିକର ନେତା ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ । ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତା ୧୩ ତାରିଖରେ ମତଗ୍ରହଣ କରାଯିବ ।

## ଇଣ୍ଡିଆନ୍ କନ୍ସୁଲାର କ୍ୟାମ୍ପ୍ସ୍

ସର୍ବନିମ୍ନ ସ୍ତରର ସୁରକ୍ଷା ପ୍ରଦାନ କରିବାରେ କାନାଡ଼ା କର୍ତ୍ତୃପକ୍ଷ ବିଫଳ ହୋଇଥିବା ଦର୍ଶାଇ ଟରେଣ୍ଟୋସ୍ଥିତ ଭାରତୀୟ ଦୂତାବାସ ଆଜି କେତେକ ନିର୍ଦ୍ଧାରିତ କାର୍ଯ୍ୟକ୍ରମକୁ ବାତିଲ୍ କରିଛି । ଟରେଣ୍ଟୋ ନିକଟସ୍ଥ ବ୍ରାମ୍ପ୍‌ଟନ୍‌ଠାରେ ହିନ୍ଦୁମନ୍ଦିର ବାହାରେ କିଛିଦିନ ତଳେ ଉଗ୍ରବାଦୀଙ୍କଦ୍ୱାରା ହିଂସାତ୍ମକ ପରିସ୍ଥିତି ସୃଷ୍ଟି ହୋଇଥିଲା । କାନାଡ଼ାସ୍ଥିତ ଭାରତୀୟ ଉଚ୍ଚାୟୁକ୍ତ ଏକ ବିବୃତ୍ତିରେ ସୁରକ୍ଷା ସ୍ଥିତି ନେଇ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି । କାନାଡ଼ାରେ ଥିବା ଭାରତୀୟ ନାଗରିକଙ୍କୁ ବିଭିନ୍ନ ପ୍ରକାର ସହାୟତା ଯୋଗାଇବା ଲକ୍ଷ୍ୟରେ ଓଟାଓ୍ୱା, ଭାଙ୍କୋଭର୍ ଏବଂ ଟରଣ୍ଟୋସ୍ଥିତ ଦୂତାବାସ ପକ୍ଷରୁ ନିୟମିତ ଭାବେ ଶିବିରମାନ ଆୟୋଜିତ ହୋଇଥାଏ ।

# ଭୁବନେଶ୍ୱର - ମେଟ୍ରୋ ପ୍ରେଜେକ୍ଟ

ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଆସନ୍ତା ୨୦୨୭ ଡିସେମ୍ବର ସୁଦ୍ଧା ଶେଷ ହେବ ବୋଲି ମୋଟ୍ରୋ ରେଳ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଏହି ବୃହତ୍ ପ୍ରକଳ୍ପ ପାଇଁ ପ୍ରାୟ ୬ ହଜାର ୨୫୬ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ରାଜ୍ୟ ସରକାର ଏହାର ସମସ୍ତ ଖର୍ଚ୍ଚ ବହନ କରୁଛନ୍ତି । ଦିଲ୍ଲୀ ମେଟ୍ରୋ ରେଲ ନିଗମ ପକ୍ଷରୁ ଏହି ପ୍ରକଳ୍ପ ପାଇଁ ମୃତ୍ତିକା ପରୀକ୍ଷଣ କାର୍ଯ୍ୟ ଆରମ୍ଭ ହୋଇଛି । ୨୬ କିଲୋମିଟର ଦୀର୍ଘ ଏହି ପ୍ରଥମ ପର୍ଯ୍ୟାୟ ମେଟ୍ରୋ ଲାଇନ୍‌ରେ ୨୦ଟି ଷ୍ଟେସନ୍ ରହିବ । ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରୁ କଟକ ତ୍ରିଶୂଳିଆ ଛକ ପର୍ଯ୍ୟନ୍ତ ରେଳ ଲାଇନ କାର୍ଯ୍ୟ ସମ୍ପନ୍ନ ହେବ । ୩ଟି ଲେଖାଏଁ କୋଚ୍ ବିଶିଷ୍ଟ ୧୩ଟି ମେଟ୍ରୋ ରେଳ କିଣାଯିବାକୁ ଯୋଜନା ପ୍ରସ୍ତୁତ ହୋଇଛି । ଉଭୟ ପଟରୁ ପ୍ରତି ୧୦ ମିନିଟ୍ ଅନ୍ତରରେ ମେଟ୍ରୋ ଟ୍ରେନ୍ ଚଳାଚଳ କରିବ ।

*****